# NATIONAL NEWS BULLETIN (ODIA)

**14 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟମେଳା ଉଦ୍‌ଘାଟିତ

- ଜନଜାତୀୟ ଗୌରବ ଦିବସ ସମାରୋହରେ ଯୋଗଦେବା ଲାଗି ଆସନ୍ତାକାଲି ବିହାର ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

- ଝାଡ଼ଖଣ୍ଡ ବିଧାନସଭା ଲାଗି ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୬୬ ପ୍ରତିଶତ ମତଦାନ

– ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ସରଗରମ

- ଶ୍ରୀଲଙ୍କା ସଂସଦ ପାଇଁ ଆଜି ଅନୁଷ୍ଠିତ ହେଉଛି ନିର୍ବାଚନ

ଏବଂ

- ଏସୀୟ ମହିଳା ହକି ଚମ୍ପିୟାନ୍‌ସିପ୍ ପ୍ରତିଯୋଗିତାରେ ଆଜି ଭାରତ ଥାଇଲ୍ୟାଣ୍ଡ ମୁକାବିଲା

---

## ଆଇଆଇଟିଏ-ଇନାଗୁରେସନ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାକୁ ଆଜି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପିୟୁଷ ଗୋୟଲ ଉଦ୍‌ଘାଟନ କରିଛନ୍ତି । ଏହି ମେଳାରେ କୋଇଲା ଏବଂ ଖଣିମନ୍ତ୍ରୀ ଜି.

କିଷନ ରେଡ୍ଡୀ ଖଣି ମନ୍ତ୍ରାଳୟର ପାଭିଲିୟନ୍‌କୁ ଉଦ୍‌ଘାଟନ କରିଛନ୍ତି । ଆକାଶବାଣୀ ସମ୍ବାଦ ସହ ଏକ ସ୍ୱତନ୍ତ୍ର ଆଲୋଚନାରେ ଭାରତୀୟ ବାଣିଜ୍ୟ ପ୍ରୋତ୍ସାହନ ସଂଗଠନର ମହାପ୍ରବନ୍ଧକ ଶଙ୍କର ନଦୀ ଭାରତୀ କହିଛନ୍ତି ଚଳିତବର୍ଷ ଏହି ମେଳାର ବିଷୟବସ୍ତୁ ରହିଛି "୨୦୪୭ ସୁଦ୍ଧା ବିକଶିତ ଭାରତ" । ସେ କହିଛନ୍ତି ଚଳିତବର୍ଷ ଏହି ବାଣିଜ୍ୟ ମେଳାରେ ଝାଡ଼ଖଣ୍ଡ ପ୍ରତି ସ୍ୱତନ୍ତ୍ର ଧ୍ୟାନ କେନ୍ଦ୍ରିତ କରାଯାଇଛି । ବିହାର ଏବଂ ଉତ୍ତରପ୍ରଦେଶ ଏହି ମେଳାର ସହଭାଗୀ ଥିବା ସେ କହିଛନ୍ତି ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଏହି ୧୪ ଦିନିଆ ବାଣିଜ୍ୟ ମେଳାରେ ବିଭିନ୍ନ ଦେଶର ଭାଗ ନେଉଛନ୍ତି । ସେହି ଦେଶଗୁଡ଼ିକ ହେଉଛି ଚୀନ୍, ଇଜିପ୍ଟ, ଇରାନ, ଦକ୍ଷିଣ କୋରିଆ, ଥାଇଲ୍ୟାଣ୍ଡ, ତୁର୍କୀ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍‌ସ । ମେଳାର ପ୍ରଥମ ୫ ଦିନ ବ୍ୟବସାୟୀମାନଙ୍କ ଲାଗି ଖୋଲା ରହିବ ।

ପରେ ଆସନ୍ତା ୧୮ରୁ ୨୭ ତାରିଖ ପର୍ଯ୍ୟନ୍ତ ସାଧାରଣ ଜନତା ଏହି ମେଳା ପରିଦର୍ଶନ କରିପାରିବେ । ଏଥିଲାଗି ବୟସ୍କଙ୍କ ନିମନ୍ତେ ଟିକେଟ୍ ମୂଲ୍ୟ ୫୦୦ ଟଙ୍କା ରଖାଯାଇଥିବା ବେଳେ ପିଲାମାନଙ୍କ ପାଇଁ ଟିକେଟ୍ ମୂଲ୍ୟ ୨୦୦ ଟଙ୍କା ରଖାଯାଇଛି ।

ସେହିପରି ସରକାରୀ ଛୁଟିକୁ ମିଶାଇ ସପ୍ତାହାନ୍ତ ପାଇଁ ଟିକଟ ମୂଲ୍ୟ ୨୦୦ ଟଙ୍କା ଥିବାବେଳେ ଅଣସପ୍ତାହନ୍ତ ଦିନଗୁଡ଼ିକ ପାଇଁ ଟିକଟ ମୂଲ୍ୟ ୧୫୦ଟଙ୍କା ରହିଛି । ଅନ୍ୟପକ୍ଷରେ ଅଣ ବ୍ୟବସାୟିକ ଦିନରେ ବୟସ୍କଙ୍କ ପାଇଁ ସପ୍ତାହନ୍ତରେ ୧୫୦ଟଙ୍କା ଏବଂ ଅନ୍ୟଦିନ ପାଇଁ ଟିକଟ ମୂଲ୍ୟ ୮୦ ଟଙ୍କା ରଖାଯାଇଛି । ତେବେ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ପାଇଁ

କୌଣସି ପ୍ରବେଶ ଶୁଳ୍କ ନାହିଁ । ମେଳା ପୂର୍ବାହ୍ନ ୧୦ଟାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲାରହିବ ।

## ପିଏମ୍-ଜନଜାତୀୟ ଗୌରବ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ବିହାରର ଜାମୁଇ ଗସ୍ତ କରିବେ । ସେଠାରେ ଆୟୋଜିତ ହେବାକୁ ଥିବା ଜନଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗଦେବେ । ଏହି ସମାରୋହ ସହ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଆରମ୍ଭ ହେବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଭଗବାନ ବିର୍ସା ମୁଣ୍ଡାଙ୍କ ସମ୍ମାନରେ ଏକ ସ୍ମାରକ ମୁଦ୍ରା ଏବଂ ଡାକଟିକଟ ଉନ୍ମୋଚନ କରିବେ । ଶ୍ରୀ ମୋଦୀ ଆଦିବାସୀ ସଂପ୍ରଦାୟଙ୍କ ବିକାଶ ତଥା ଦୂରଦୂରାନ୍ତ ଅଞ୍ଚଳରେ ଭିତ୍ତିଭୂମି ନିର୍ମାଣ ନିମନ୍ତେ ୬ହଜାର ୬୪୦ କୋଟିରୁ ଅଧିକ ଟଙ୍କାର ଅନେକଗୁଡ଼ିଏ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି ।

## ପିଏମ୍-ନେହେରୁ

ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ସ୍ମରଣ କରିଛନ୍ତି ।

## ଝାଡ଼ଖଣ୍ଡ-ପୋଲ୍ ପର୍ସେଣ୍ଟେଜ୍

ଝାଡ଼ଖଣ୍ଡ ବିଧାନସଭା ଲାଗି ଗତକାଲି ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୬୬ ପ୍ରତିଶତ ମତଦାନ ହୋଇଛି । ନିର୍ବାଚନ

ଆୟୋଗଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଖରସୁଆଁରେ ସର୍ବାଧିକ ୭୬ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲାର ୪୩ଟି ବିଧାନସଭା ଆସନ ଲାଗି ମତ ଗ୍ରହଣ ହୋଇଥିଲା ।

ଚଳିତମାସ ୨୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ । ଉଭୟ ଏନ୍‌ଡିଏ ଏବଂ ଇଣ୍ଡିଆ ମେଣ୍ଟର ପ୍ରାର୍ଥୀମାନଙ୍କ ଲାଗି ଦଳୀୟ ନେତାମାନେ ସେମାନଙ୍କ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେବାଲାଗି ଭୋଟରମାନଙ୍କୁ ଆକୃଷ୍ଟ କରୁଛନ୍ତି । ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଝାଡ଼ଖଣ୍ଡରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଧାନବାଦ, ବୋକାରୋ ଏବଂ ବର୍‌ମୋରେ ର୍‌ୟାଲି କରିବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ନେତା ହେମନ୍ତ ସୋରେନ ଦେଓଘର, ଦୁମ୍‌କା ଏବଂ ବୋକାରୋରେ ଜନସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ।

---

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୬ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ନାଇଜେରିଆ, ବ୍ରାଜିଲ୍ ଓ ଗୁଆନା ଗସ୍ତ କରିବେ । ନାଇଜେରିଆ ରାଷ୍ଟ୍ରପତି ବୋଲା ଅହମ୍ମଦ ଟିନୁବୁଙ୍କ ଆମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତା ୧୬ ଓ ୧୭ ତାରିଖ ଦୁଇ ଦିନ ସେଠାକୁ ଗସ୍ତ କରିବେ । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ଦୁଇ ଦେଶ ମଧ୍ୟରେ ରଣନୈତିକ ଭାଗିଦାରୀର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ଦ୍ୱିପକ୍ଷିୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି ଶ୍ରୀ ଟିନୁବୁଙ୍କ ସହିତ ଆଲୋଚନା କରିବେ ।  ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତା

୧୮ ଓ ୧୯ ତାରିଖ ବ୍ରାଜିଲ୍ ଗସ୍ତ କରିବେ । ବ୍ରାଜିଲ୍ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଡା ସିଲଭାଙ୍କ ଦ୍ୱାରା ରିଓ-ଡି-ଜାନିରୋ ଠାରେ ଆୟୋଜିତ ହେବାକୁ ଥିବା ଜି-୨୦ ଶିଖର ସମ୍ମିଳନୀରେ ଶ୍ରୀ ମୋଦୀ ଅଂଶଗ୍ରହଣ କରିବେ । ଏହାଛଡ଼ା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜି-୨୦ ସଦସ୍ୟ ରାଷ୍ଟ୍ର ଗୁଡ଼ିକର ନେତୃବୃନ୍ଦଙ୍କ ସହିତ ମଧ୍ୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଏହି ତ୍ରିଦେଶୀୟ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଆସନ୍ତା ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୁଆନା ଗସ୍ତ କରିବେ । ୧୯୬୮ ମସିହା ପରେ ଗୁଆନା ଗସ୍ତ କରିବାରେ ଶ୍ରୀ ମୋଦୀ ହେଉଛନ୍ତି ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ।

## ଶ୍ରୀଲଙ୍କା ପୋଲିଂ

ଶ୍ରୀଲଙ୍କାରେ ଆଜି ନୂଆ ସଂସଦ ପାଇଁ ଅନୁଷ୍ଠିତ ହେଉଥିବା ନିର୍ବାଚନରେ ଦିନ ଗୋଟାଏ ସୁଦ୍ଧା ୩୦ରୁ ୫୦ ପ୍ରତିଶତ ମଧ୍ୟରେ ମତଦାନ ହୋଇଥିବା ସୂଚନା ମିଳିଛି । ନିର୍ବାଚନରେ ୨୨୫ଟି ସଂସଦୀୟ ଆସନ ଲାଗି ସାରା ଦେଶରେ ଏକକୋଟି ୭୦ଲକ୍ଷରୁ ଅଧିକ ମତଦାତା ୮ହଜାର ୮ଶହ ପ୍ରତିଦ୍ୱନ୍ଦ୍ୱିଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି । ୧୩ ହଜାର ୪୨୧ଟି ମତଦାନ କେନ୍ଦ୍ରରେ ଭୋଟ୍ ଗ୍ରହଣ ହେଉଛି । ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ, ପ୍ରଧାନମନ୍ତ୍ରୀ ଡକ୍ଟର ହରିନୀ ଅମରସୂର୍ଯ୍ୟା, ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମ ସିଂଘେ, ଏସ୍.ଜେ.ବି. ନେତା ସାଜିଥ୍ ପ୍ରେମଦାସା ପ୍ରମୁଖ ଆଜି ସକାଳେ ଭୋଟ୍ ଗ୍ରହଣ କେନ୍ଦ୍ରକୁ ଯାଇ ସେମାନଙ୍କର ମତଦାନ ସାବ୍ୟସ୍ତ କରିଛନ୍ତି । ଦେଶରେ ଭୋଟ୍ ଗ୍ରହଣ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ଜଣାପଡ଼ିଛି ।

ସୂଚନାଯୋଗ୍ୟ ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ ପାଇଁ ଏହି ନିର୍ବାଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ସଂସଦରେ ବିଭିନ୍ନ ବିଷୟରେ ପ୍ରସ୍ତାବ ପାରିତ କରିବା ଲାଗି ରାଷ୍ଟ୍ରପତିଙ୍କ ରାଜନୈତିକ ଦଳ ବହୁମତ ଅପେକ୍ଷାରେ ରହିଛି । ଏଥିରେ ସାଜିଥ ପ୍ରେମଦାସାଙ୍କ ନେତୃତ୍ୱାଧୀନ ଏବଂ ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମାସିଂହେଙ୍କ ନେତୃତ୍ୱାଧୀନ ରାଜନୈତିକ ଦଳ ଦୃଢ଼ ଦାବିଦାର ରହିଥିବା ଜଣାପଡିଛି ।

# ଟିଏନ୍-ରେଡ୍ସ

ତାମିଲନାଡୁର କୋଏମ୍ବାଟୁର୍‌ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଏକ ଦଳ ମାର୍ଟିନ୍ ବ୍ୟବସାୟିକ ସଂସ୍ଥାର କାର୍ଯ୍ୟାଳୟ ଓ ବାସଗୃହରେ ଚଢ଼ାଉ ଜାରି ରଖିଛି । କୋଏମ୍ବାଟୁର୍‌ର ଥୁଦିଆଲୁର ଏବଂ ଅନ୍ୟ ସ୍ଥାନମାନଙ୍କରେ ଚଢ଼ାଉ କରାଯାଇଥିବା ସୂଚନା ମିଳିଛି । ଆମ ସମ୍ବାଦଦାତା ଜଣାଇଛନ୍ତି, ଗତବର୍ଷ ଅକ୍ଟୋବର ମାସରେ ସେହି ସଂସ୍ଥା ଉପରେ ଆୟକର ବିଭାଗ ଅଧିକାରୀମାନେ ଚଢ଼ାଉ କରିଥିଲେ ।

# କୋଚିଂ ଇନ୍‌ଷ୍ଟିଚ୍ୟୁଟ୍ ଗାଇଡ୍‌ଲାଇନ୍

କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ ସମସ୍ତ କୋଚିଂ ପ୍ରତିଷ୍ଠାନ ପାଇଁ ମାର୍ଗଦର୍ଶିକା ଜାରି କରିଛି । ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ କୋଚିଂ ପ୍ରତିଷ୍ଠାନ ସେଠାରେ ପଢୁଥିବା ଛାତ୍ରଛାତ୍ରୀ ଏବଂ ପାଠ୍ୟକ୍ରମ ବିଷୟରେ ଆବଶ୍ୟକ ସୂଚନା ପ୍ରଦାନ କରିବା ବାଧ୍ୟତାମୂଳକ କରାଯାଇଛି । ଅଭିଭାବକ ଏବଂ ଛାତ୍ରଛାତ୍ରୀମାନଙ୍କୁ ଭୁଲ୍ ତଥ୍ୟ ଯେଭଳି ନଦିଆଯିବ ସେ ନେଇ ଏହି ବ୍ୟବସ୍ଥା କରାଯାଇଛି । ଉପଭୋକ୍ତା ବ୍ୟାପାର ସଚିବ ନିଧି ଖରେ ନୂଆଦିଲ୍ଲୀରେ ବିଭିନ୍ନ କୋଚିଂ ଅନୁଷ୍ଠାନ ଦ୍ୱାରା ଦିଆଯାଉଥିବା ବିଭ୍ରାନ୍ତିକର ବିଜ୍ଞାପନ ବିରୋଧରେ ଏହି ମାର୍ଗଦର୍ଶିକା ଜାରି କରିଛନ୍ତି ।

ମାର୍ଗଦର୍ଶିକା ଅନୁଯାୟୀ କୋଚିଂ ପ୍ରତିଷ୍ଠାନ ଗୁଡ଼ିକ ବିନା ଅନୁମତିରେ କୌଣସି ଛାତ୍ରଛାତ୍ରୀଙ୍କ ଫଟୋ କିମ୍ବା ଅନ୍ୟ ତଥ୍ୟ ପ୍ରକାଶ କରିପାରିବେ ନାହିଁ । ଏହାବ୍ୟତୀତ ପ୍ରତିଷ୍ଠାନ ଗୁଡ଼ିକ କେଉଁ ସେବା ଏବଂ ସୁବିଧା ଯୋଗାଇ ଦେଉଛନ୍ତି ସେ ସମ୍ପର୍କିତ ତଥ୍ୟ ପ୍ରକାଶ କରିବାକୁ ବାଧ୍ୟତାମୂଳକ କରାଯାଇଛି । ଅନ୍ୟପକ୍ଷରେ ବିଭ୍ରାନ୍ତିକର ବିଜ୍ଞାପନ, ଗ୍ୟାରେଣ୍ଟି ଏବଂ ଅସତ୍ୟ ତଥ୍ୟ ପ୍ରଦାନ ନକରିବାକୁ ଚେତାବନୀ ଦିଆଯାଇଛି ।
ସୂଚନାଯୋଗ୍ୟ କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ ବିଭ୍ରାନ୍ତିକର ବିଜ୍ଞାପନ ନେଇ ବିଭିନ୍ନ କୋଚିଂ ପ୍ରତିଷ୍ଠାନ ଠାରୁ ୫୬ଲକ୍ଷରୁ ଅଧିକ ଟଙ୍କା ଜୋରିମାନା ଆଦାୟ କରିଛି ।

# ୟୁଏସ୍ ସ୍ପିକର ନୋମିନେସନ୍

ଆମେରିକାର ପ୍ରତିନିଧି ସଭାର ବାଚସ୍ପତି ଭାବେ ମାଇକ୍ ଜନ୍ସନ୍ ରିପବ୍ଲିକାନ ପାର୍ଟି ପକ୍ଷରୁ ପ୍ରାର୍ଥୀ ହେବେ ବୋଲି ଜଣାପଡ଼ିଛି । ଆମେରିକାର ଭାବି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରିପବ୍ଲିକାନ୍ ସଦସ୍ୟଙ୍କ ଏକ ବୈଠକରେ ଜନ୍ସନ୍ଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିଛନ୍ତି । ଲୁସିଆନାରୁ ରିପବ୍ଲିକାନ୍ ସାଂସଦଙ୍କୁ ଅଧ୍ୟକ୍ଷ ପଦ ପାଇଁ ଆଗାମୀ ଜାନୁଆରୀ ମାସ ଆରମ୍ଭରେ ୪୩୫ ସଦସ୍ୟ ବିଶିଷ୍ଟ ସଦନରେ ବହୁମତ ହାସଲ କରିବାକୁ ପଡ଼ିବ । ଆମେରିକାର ଗଣମାଧ୍ୟମ ସୂଚନା ଅନୁଯାୟୀ, ପ୍ରତିନିଧି ସଭାରେ ରିପବ୍ଲିକାନ୍ ପାର୍ଟି ପ୍ରାର୍ଥୀଙ୍କୁ ବାଚସ୍ପତି ପଦ ମିଳିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି ।

## ସାବରିମାଲା-ସ୍ପେଶାଲ ଟ୍ରେନ୍

ସାବରିମାଲା ଯାତ୍ରା ନିମନ୍ତେ ଚାହିଦା ବୃଦ୍ଧି ପାଉଥିବାରୁ ଦକ୍ଷିଣ -ମଧ୍ୟ ରେଳବାଇ ପକ୍ଷରୁ ଯାତ୍ରୀମାନଙ୍କ ସୁରକ୍ଷିତ ଯାତ୍ରା ନିମନ୍ତେ ୨୬ଟି ସ୍ୱତନ୍ତ୍ର ରେଳଗାଡ଼ି ଚଳାଚଳ କରୁଛି । ସେହିସବୁ ସ୍ୱତନ୍ତ୍ର ଟ୍ରେନ୍‌ରେ ପ୍ରଥମ ଶ୍ରେଣୀ ଏ.ସି., ଦ୍ୱିତୀୟ ଶ୍ରେଣୀ ଏ.ଏସି୍, ସ୍ଲିପର ଏବଂ ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍ ଉପଲବ୍ଧ ହେଉଛି । ଦକ୍ଷିଣ-ମଧ୍ୟ ରେଳବାଇ ପକ୍ଷରୁ ଯାତ୍ରୀମାନଙ୍କୁ ସୁବିଧାରେ ଯାତ୍ରା ପାଇଁ ସମୟ ସାରଣୀ ନିର୍ଘଣ୍ଟ ଅନୁଯାୟୀ ଆଗୁଆ ଟିକେଟ୍ ବୁକିଂ ଲାଗି ପରାମର୍ଶ ଦିଆଯାଇଛି ।

## ଫିଲିପାଇନ୍ସ ଟାଇଫୁନ୍

ଫିଲିପାଇନ୍ସରେ ଘୂର୍ଣ୍ଣିଝଡ଼ **ଉଷାଗୀ** ନେଇ ସତର୍କ ସୂଚନା ଜାରି କରାଯିବା ପରେ ବହୁସଂଖ୍ୟାରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି । ଉଷାଗୀ ପ୍ରଭାବରେ ଘଣ୍ଟା ପ୍ରତି ୧୮୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଥିବା ସେଠାକାର ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଦେଶର ଜନସଂଖ୍ୟା ବହୁଳ ଲୁଜୋନ୍ ଅଞ୍ଚଳରେ ଏହି ବାତ୍ୟା ସ୍ଥଳଭାଗ ସ୍ପର୍ଶ କରିବ ବୋଲି ସୂଚନା ଦିଆଯାଇଛି । ଗତ ୩ ସପ୍ତାହ ମଧ୍ୟରେ ଫିଲିପାଇନ୍ସରେ ଏହା ତୃତୀୟ ସାମୁଦ୍ରିକ ଝଡ଼ । ଏହାର ପ୍ରଭାବରେ ଦେଶର ଉତ୍ତରାଞ୍ଚଳରେ ବନ୍ୟା ଏବଂ ଭୂସ୍ଖଳନ ଆଶଙ୍କା ଥିବା ସେଠାକାର ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

## ହକି

ବିହାରର ରାଜଗିରିରେ ଚାଲିଥିବା ଏସୀୟ ମହିଳା ହକି ଚମ୍ପିୟାନ୍‌ସିପ୍ ପ୍ରତିଯୋଗିତାରେ ବର୍ତ୍ତମାନର ଚମ୍ପିୟାନ୍ ଭାରତ ଆଜି ତା’ର ତୃତୀୟ

ମ୍ୟାଚ୍‌ରେ ଥାଇଲ୍ୟାଣ୍ଡ ସହ ମୁକାବିଲା କରିବ । ଅପରାହ୍ନ ୪ଟା ୪୫ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ । ଭାରତ ପ୍ରଥମ ମ୍ୟାଚ୍‌ରେ ମ୍ୟାଲେସିଆକୁ ୪-୦ ଗୋଲ୍‌ରେ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ କୋରିଆକୁ ୩-୦ ଗୋଲ୍‌ରେ ପରାସ୍ତ କରିଛି । ଆଜି ଅନୁଷ୍ଠିତ ହେବାକୁ ଥିବା ଅନ୍ୟ ଏକ ମ୍ୟାଚ୍‌ରେ ଅପରାହ୍ନ ୩ଟାରେ ଦକ୍ଷିଣ କୋରିଆ ଓ ମ୍ୟାଲେସିଆ ଏବଂ ସନ୍ଧ୍ୟା ୫ଟା ୧୫ ମିନିଟ୍‌ରେ ଜାପାନ ଓ ଚୀନ୍ ମଧ୍ୟରେ ମୁକାବିଲା ହେବ ।

---

## ବ୍ୟାଡମିଣ୍ଟନ

ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ପି.ଭି. ସିନ୍ଧୁ କୁମାମୋଟୋ ମାଷ୍ଟର୍ସ ଜାପାନ୍-୨୦୨୪ ପ୍ରତିଯୋଗିତାର ମହିଳା ଏକକ ପ୍ରି-କ୍ୱାର୍ଟର ଫାଇନାଲ୍‌ରେ କାନାଡାର ମିଶେଲ୍ ଲି ଙ୍କ ଠାରୁ ପରାସ୍ତ ହୋଇଛନ୍ତି । ସିନ୍ଧୁ ୨୧-୧୭, ୧୬-୨୧ ଓ ୧୭-୨୧ ସେଟ୍‌ରେ ପରାସ୍ତ ହୋଇଥିବା ଜଣାପଡ଼ିଛି । ଗତକାଲି ସିନ୍ଧୁ ଥାଇଲ୍ୟାଣ୍ଡର ବୁସାନନ୍ ଓଙ୍ଗ୍ ବାମ୍ରୁଙ୍ଗଫାନଙ୍କୁ ୨୧-୧୨ ଓ ୨୧-୮ ସେଟ୍‌ରେ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଥିଲେ ।

ଅନ୍ୟପକ୍ଷରେ ଭାରତୀୟ ଖେଳାଳି ଲକ୍ଷ୍ୟ ସେନ୍ ପ୍ରଥମ ପର୍ଯ୍ୟାୟରେ ମାଲେସିୟାର ଲିଓଙ୍ଗ ଜୁନ୍ ହାଓ ଙ୍କଠାରୁ ପରାସ୍ତ ହୋଇ ପ୍ରତିଯୋଗିତାରୁ ବାହାରି ଯାଇଛନ୍ତି । ମହିଳା ଡବଲ୍‌ସ ମୁକାବିଲାରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ହାସଲ କରିଥିବା ତ୍ରିଶା ଜଲୀ ଏବଂ ଗାୟତ୍ରୀ ଗୋପିଚାନ୍ଦ ମଧ୍ୟ ପ୍ରଥମ ପର୍ଯ୍ୟାୟରେ ପରାସ୍ତ ହୋଇଥିଲେ । ଏହି

ପ୍ରତିଯୋଗିତାରେ ଏବେ ଭାରତର କୌଣସି କ୍ରୀଡ଼ାବିତ୍ ଦାବିଦାର ନାହାନ୍ତି ।